# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29th October – 2025

**********************************

## ମୁଖ୍ୟ ସମ୍ବାଦ

- ଭାରତ ବୈଶ୍ୱିକ ରଣନୀତି, ଶାନ୍ତି ଓ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ପ୍ରତୀକ; କହିଲେ ପ୍ରଧାନମନ୍ତ୍ରୀ ।
- ସାମୁଦ୍ରିକ ଝଡ଼ 'ମୋନ୍ଥା' ଗଭୀର ଅବପାତରେ ପରିଣତ ।

— ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ।

- ଭୁବନେଶ୍ୱରରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ଅଭିଯୋଗ ପତ୍ର ଗ୍ରହଣ ।

ଏବଂ

- ଏକ୍ ଭାରତ ଶ୍ରେଷ୍ଠ ଭାରତ ଅଭିଯାନ ଅନ୍ତର୍ଗତ ଆସନ୍ତା ଶୁକ୍ରବାର ଦିନ ଦେଶବ୍ୟାପୀ ହେବ ଏକତା ପାଇଁ ଗଣଦୌଡ଼ ।

***Desk***

# ପ୍ରଧାନମନ୍ତ୍ରୀ - ସାମୁଦ୍ରିକ ସପ୍ତାହ

ଭାରତର ସାମୁଦ୍ରିକ କ୍ଷେତ୍ର ଦ୍ରୁତଗତି ଏବଂ ଶକ୍ତି ସହ ଅଭିବୃଦ୍ଧି କରୁଛି । ବିଶ୍ୱରେ ଦେଖାଦେଇଥିବା ଉତ୍ତେଜନା ମଧ୍ୟରେ ଭାରତର ରଣନୀତିକ ସ୍ୱାୟତ୍ତତା, ଶାନ୍ତି ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ପ୍ରତୀକ ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ମୁମ୍ବାଇଠାରେ ଚାଲିଥିବା ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେଇ କହିଛନ୍ତି, ଭାରତ' ଜାହାଜ ନିର୍ମାଣ କ୍ଷେତ୍ରରେ ନୂତନ ଶିଖରରେ ପହଞ୍ଚିବାପାଇଁ ପ୍ରୟାସ ତ୍ୱରାନ୍ୱିତ କରୁଛି । ବର୍ତ୍ତମାନ ସମୟରେ ଜାହାଜ ଚଳାଚଳ କ୍ଷେତ୍ରରେ କାର୍ଯ୍ୟ ପରିସରକୁ ସମ୍ପ୍ରସାରିତ କରିବାର ପ୍ରକୃଷ୍ଟ ସମୟ ଉପସ୍ଥିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM)*** :........

ପ୍ରଧାନମନ୍ତ୍ରୀ ଏହି ଅବସରରେ ୨ ଲକ୍ଷ ୨୦ ହଜାର କୋଟି ଟଙ୍କା ମୂଲ୍ୟର ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକର ଶୁଭାରମ୍ଭ କରିଛନ୍ତି । ଏହାସହ ପ୍ରଧାନମନ୍ତ୍ରୀ ନେସ୍କୋ ପ୍ରଦର୍ଶନୀ କେନ୍ଦ୍ରରେ ଆୟୋଜିତ ପ୍ରଦର୍ଶନୀର ସମୀକ୍ଷା କରିଛନ୍ତି । ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀ ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ଭାରତର ଏକ୍ଷେତ୍ରରେ ସଂସ୍କାରକୁ ଗତିଶୀଳ କରିବା ଲାଗି ଏକ ମଞ୍ଚ ପ୍ରଦାନ କରୁଛି ।

***Desk, Koraput, Gajapati/R***

# ବାତ୍ୟା ମୋନ୍ଥା

ରାଜ୍ୟରେ ବାତ୍ୟା ମୋନ୍ଥାର ପ୍ରଭାବ ବିଶେଷ ଭାବେ ପଡି ନଥିଲେ ମଧ୍ୟ କେତେକ ଜିଲ୍ଲାରେ ଆଂଶିକ ପ୍ରଭାବ ପଡିଛି । ଗତ ୬ଘଣ୍ଟାରେ ବାତ୍ୟା ମୋନ୍ଥା ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଉତ୍ତର-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଗଭୀର ଅବପାତରେ ପରିଣତ ହୋଇଛି ।

ଏହାର ପ୍ରଭାବରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ଗଞ୍ଜାମ, ରାୟଗଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଜି ମଧ୍ୟ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଆସନ୍ତାକାଲିଠାରୁ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ ନେଇ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ।

ଇତିମଧ୍ୟରେ କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକ୍ ପୋଡ଼ପଦର ପଞ୍ଚାୟତ ବୋରିପୁଟ ନିକଟରେ ଗଛ ପଡ଼ି ରାସ୍ତା ଅବରୋଧ ଯୋଗୁଁ

ଯାତାୟତ ବାଧାପ୍ରାପ୍ତ ହୋଇଛି । ଲକ୍ଷ୍ମୀପୁର, ବନ୍ଧୁଗାଁ, ପଟାନଗୀରେ ବର୍ଷା ପବନ ଲାଗି ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଗଜପତି ଜିଲ୍ଲାରେ ମଧ୍ୟ ବାତ୍ୟା ପ୍ରଭାବରେ ଲାଗିରହିଥିବା ବର୍ଷା ଯୋଗୁଁ ଜିଲ୍ଲାର ରାୟଗଡ଼ ବ୍ଲକ୍ ଏସ୍. କରଡ଼ାସିଂ ପଞ୍ଚାୟତର ବଣ୍ଡା ରାସ୍ତାରେ ପାହାଡ଼ରୁ ଭୂସ୍ଖଳନ ହେବାରୁ ପଥର ଖସି ରାସ୍ତା ଅବରୋଧ ହୋଇଛି ।

***Desk***

# ମୋନ୍ଥା - ସ୍ୱାସ୍ଥ୍ୟସେବା

ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବାର ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ମିଳିଥିବା ସୂଚନା ଅନୁସାରେ, ୮ ହଜାର ୮୦୪ ଜଣ ଆସନ୍ନ ପ୍ରସବାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆଶ୍ରୟ ଦିଆଯିବା ସହ ପରୀକ୍ଷା କରାଯାଉଛି । ସେମାନଙ୍କ ମଧ୍ୟରେ ବାଲେଶ୍ୱର, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୧ ହଜାର ୬୧ ଜଣ ମହିଳା ନିରାପଦ ମାତୃତ୍ୱ ଲାଭ କରିଛନ୍ତି ।

ସେହିପରି କ୍ଷେତ୍ରସ୍ତରୀୟ ହସ୍ପିଟାଲ୍ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ବଟିକା, ଓ.ଆର୍.ଏସ୍., ସାପକାମୁଡ଼ା ଇଞ୍ଜେକ୍ସନ୍, ବ୍ଲିଚିଂ ପାଉଡର ଆଦି ମହଜୁଦ ରଖାଯାଇଛି । ଏହାସହ ଜୀବନ ରକ୍ଷାକାରୀ ଓ ଜରୁରୀକାଳୀନ ଔଷଧ, ଅକ୍ସିଜେନ୍ ସିଲିଣ୍ଡର, ରକ୍ତ ଆଦି ମହଜୁଦ ରଖାଯିବା ସହ ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ।

***BBSR/R***

# ରାଜ୍ୟପାଳ - ସମୀକ୍ଷା ବୈଠକ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଆଜି ରାଜଭବନ ସେକ୍ରେଟାରିଏଟ୍‌ର କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି । ମିନି-କନ୍‌ଫରେନ୍ସ ହଲ୍‌ଠାରେ ଅନୁଷ୍ଠିତ ବୈଠକରେ ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟଧାରା ଓ ଆଗାମୀ କାର୍ଯ୍ୟ ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରି ଉଚ୍ଚଶିକ୍ଷା, ଜନଜାତି କଲ୍ୟାଣ ଏବଂ ଜନସେବା ଆଦି କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସରକାରୀ ଓ ଜନସେବା କାର୍ଯ୍ୟକ୍ରମର ସୁପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ଟିମ୍‌ୱାର୍କ, ସମୟୋଚିତ ସମନ୍ୱୟ ଏବଂ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି । ରାଜଭବନର ସମସ୍ତ ବିଭାଗ ଦକ୍ଷତା ବଜାୟ ରଖିବା ସହିତ ଦୈନନ୍ଦିନ କାର୍ଯ୍ୟର ସୁପରିଚାଳନା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ

ରାଜ୍ୟପାଳଙ୍କ କମିଶନର୍ ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

***BBSR/R***

## ପଛୁଆବର୍ଗ କମିଶନ୍

ଜାତୀୟ ପଛୁଆ ବର୍ଗ କମିଶନ୍ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର୍ ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ରାଜ୍ୟର ବିଭିନ୍ନ ଜାତିବର୍ଗ, ସଙ୍ଗଠନର ଅଭିଯୋଗପତ୍ର ଗ୍ରହଣ କରିଛନ୍ତି । ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଜାତିବର୍ଗର ପ୍ରତିନିଧି ନିଜ ଜାତିକୁ ପଛୁଆବର୍ଗରେ ସାମିଲ୍ କରିବାପାଇଁ କମିଶନ୍‌ଙ୍କୁ ଦାବି ଉପସ୍ଥାପନ କରିଛନ୍ତି । ପଛୁଆବର୍ଗରେ ସାମିଲ୍ ହୋଇ ନ ଥିବା ବର୍ଗଙ୍କୁ କିଭଳି ଏଥିରେ ସାମିଲ୍ କରାଯିବ, ସେନେଇ ବିଭିନ୍ନ ଦିଗରୁ ତର୍ଜମା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଅହିର୍ କହିଛନ୍ତି । କାର୍ଯ୍ୟକ୍ରମରେ କମିଶନ୍ ସଦସ୍ୟ, ସଚିବ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପୂର୍ବରୁ ଶ୍ରୀ ଅହିର୍ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଥିଲେ ।

*Sonepur/R*

# ପାତାଳୀ ଶ୍ରୀକ୍ଷେତ୍ର

ପୁରୀ ଶ୍ରୀମନ୍ଦିର ଓ ରୀତିନୀତିରେ କାର୍ତ୍ତିକ ଶୁକ୍ଲ ସପ୍ତମୀ ତିଥିରେ ଆଜି ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ରଠାରେ ତିନିଠାକୁରଙ୍କୁ ଅମୃତ ମଣୋହି ଓ ଦିବ୍ୟଭୋଗ ଲାଗି ହୋଇଛି । ୫୬ ପ୍ରକାର ପିଠାପଣା, ମିଠା ଓ ନାନାଦି ବ୍ୟଞ୍ଜନକୁ ମଧ୍ୟାହ୍ନ ଧୂପରେ ତ୍ରିଆଳତି ସହ ପ୍ରଭୁଙ୍କୁ ସମର୍ପଣ କରାଯାଇଛି ।

*Nayagarh/R*

# ସାଇବର ସୁରକ୍ଷା ସଚେତନତା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ପୁଲିସ୍ ଓ ନୟାଗଡ଼ ପୁଲିସ୍‌ର ମିଳିତ ଉଦ୍ୟମରେ ଦଶପଲ୍ଲାଠାରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କୁ ନେଇ ସାଇବର ଅପରାଧ ଓ ଏହାର ନିରାକରଣ ସମ୍ପର୍କରେ ଏକ ସଚେତନ କରାଯାଇଛି । ସାଇବରଜନିତ ଅପରାଧ ବୃଦ୍ଧି ପାଉଥିବାରୁ ଠକେଇର ଶିକାର ହେଉଥିବା ବ୍ୟକ୍ତିମାନେ ୧୯୩୦ ନମ୍ବରକୁ କଲ୍ କରି ସୂଚନା ଦେବାକୁ ପୁଲିସ୍ ଅଧିକାରୀମାନେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

*Baragarh/R*

## ଦୁର୍ନୀତି ନିର୍ବାରଣ ସଚେତନ

ବରଗଡ଼ ଜିଲ୍ଲା ସଦର ମହକୁମାଠାରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଜନସାଧାରଣଙ୍କୁ ସଚେତନ କରିବାପାଇଁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଚେତନତା ର୍ୟାଲିରେ ଛାତ୍ରଛାତ୍ରୀମାନେ ‘ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ’ ମୂଳମନ୍ତ୍ରରେ ଦୀକ୍ଷିତ ହେବାପାଇଁ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

*Boudh/R*

## ଉଲ୍ଲାସ ନବଭାରତ ସାକ୍ଷରତା

ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କ ‘ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ’ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ଜିଲ୍ଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ୍‌ର ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ମୋଟ୍ ୧୨ ହଜାର ୯୯୫ ଜଣ ଅଣସାକ୍ଷର ବ୍ୟକ୍ତି ପରୀକ୍ଷା ଦେଇଛନ୍ତି ।

*Deogarh/R*

# ଜନଜାତି ଜୀବିକା ମିଶନ

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ୫ଟି ପଞ୍ଚାୟତର ଜନଜାତି ବର୍ଗର ଚାଷୀମାନଙ୍କୁ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି ।

*Nayagarh/R*

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଗଣିଆ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଗଣିଆ କିଶୋରଚନ୍ଦ୍ର ନୋଡ଼ାଲ୍ ଉଚ୍ଚ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍‌ର ୮ଟି ପଞ୍ଚାୟତରୁ ପଞ୍ଜୀକୃତ ୧୬୮ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

*Jajpur, Deogarh/R*

## ବିଜ୍ଞାନ ନାଟକ ପ୍ରତିଯୋଗିତା

ଯାଜପୁର ଟାଉନ୍‌ହଲ୍‌ସ୍ଥିତ ଯାଜପୁର ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକ-ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ, ଖୋର୍ଦ୍ଧା, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀରୁ ୪୮ ଜଣ ପ୍ରତିଯୋଗୀ ଏବଂ ସେମାନଙ୍କ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ ।

ଦେବଗଡ଼ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦେବଗଡ଼ ଟାଉନ୍ ହଲ୍‌ଠାରେ ମଧ୍ୟ ଆଞ୍ଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

***HS***

## ଜାତୀୟ ଏକତା ଦିବସ

'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ପୁନଃ ସୁଦୃଢ଼ କରିବାପାଇଁ ଆସନ୍ତା ଶୁକ୍ରବାର ଦିନ ଦେଶବ୍ୟାପୀ 'ଏକତା ପାଇଁ ଦୌଡ଼' ଅଭିଯାନ

ଅନୁଷ୍ଠିତ ହେବ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସ୍ୱତନ୍ତ୍ର କରିବାପାଇଁ ଏହି ଏକତା ଦୌଡ଼ର ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ସମାରୋହରେ ଯୋଗଦେଇ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୧ ହଜାର ୧୪୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

*Desk*

# ମସ୍ତିଷ୍କାଘାତ

ଜନସାଧାରଣଙ୍କୁ ମସ୍ତିଷ୍କ ଆଘାତର ଲକ୍ଷଣ ଏବଂ ଜରୁରୀ ଯତ୍ନର ଆବଶ୍ୟକତା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ଆଜି **ବିଶ୍ୱ ମସ୍ତିଷ୍କାଘାତ ଦିବସ** ପାଳନ କରାଯାଉଛି । ମସ୍ତିଷ୍କ ଆଘାତ ବା ଷ୍ଟ୍ରୋକ୍, ଏହାର ପ୍ରତିରୋଧ ଏବଂ ଏଥିରୁ ରକ୍ଷା ପାଇଥିବା ବ୍ୟକ୍ତିଙ୍କ ପାଇଁ ଉନ୍ନତ ଯତ୍ନ ଏବଂ ସହାୟତାରେ ଆବଶ୍ୟକତାକୁ ଉପଲବ୍ଧି କରିବା ଦିଗରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ଅନ୍ୟତମ ଲକ୍ଷ୍ୟ।  ଚଳିତବର୍ଷ 'ବିଶ୍ୱ ମସ୍ତିଷ୍କାଘାତ ଦିବସ'ର ବାର୍ତ୍ତା ହେଉଛି– 'ପ୍ରତ୍ୟେକ ମିନିଟ୍‌କୁ ଗଣିବା'।

ପୃଥିବୀରେ ବର୍ତ୍ତମାନ ସମୟରେ ମୃତ୍ୟୁ ଓ ବିକଳାଙ୍ଗର ବଡ଼ କାରଣ ହେଉଛି ଷ୍ଟ୍ରୋକ୍। ପ୍ରତିବର୍ଷ ପ୍ରାୟ ୧୮ ଲକ୍ଷ ଲୋକ ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡିତ

ହେଉଛନ୍ତି । ଏ ସମ୍ପର୍କରେ ଡାକ୍ତର ଅଖିଳ କୁମାର ପଣ୍ଡା ଆକାଶବାଣୀକୁ କହିଛନ୍ତି :

***Voice*** :.........

******